रजिस्ट्री सं० डी-221

REGISTERED No. D-221
ରେଜିଷ୍ଟ୍ରି ସଂ ଡି-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII—ଖଣ୍ଡ I

प्राधिकार से प्रकाशित
PUBLISHED BY THE AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

No. 1 NEW DELHI, MONDAY, DECEMBER 14, 1992/MARGASIR 23, 1914 (SAKA) VOL. 3
ସଂ 1 ନୂଆଦିଲ୍ଲୀ, ସୋମବାର, ଡିସେମ୍ବର 14, 1992/ମାର୍ଗଶିର 23, 1914 (ଶକ) ଗ୍ରନ୍ଥଖଣ୍ଡ 3

## MINISTRY OF LAW AND JUSTICE

### (Legislative Department)

*New Delhi, dated the 14th December, 1992/23 Margasir, 1914 (SAKA)*

The Translation in Oriya of the following:—

(1) The Indian Evidence Act, 1872 (2) The Miscellaneous Personal Law (Extension) Act, 1959, (3) The Bonded Labour System (Abolition) Act, 1976, (4) The Hindu Marriage Act, 1955 are hereby published under the authority of the President and shall be deemed to be the Authoritative Text thereof in Oriya under Clause (a) of Section 2 of the Authoritative Texts (Central Laws) Act, 1973 (50 of 1973).

# ବିବିଧ ସ୍ଥାୟୀ ବିଧି (ବିସ୍ତାର) ଅଧିନିୟମ, 1959

(1959ର ଅଧିନିୟମ ସଂ. 48)

ଭାରତର ଯେଉଁ ଅଂଶରେ କେତେକ ସ୍ଥାୟୀ ବିଧି ବର୍ତ୍ତମାନ ପ୍ରବୃତ୍ତ ନାହିଁ, ସେଠାରେ ସେଗୁଡ଼ିକର ବିସ୍ତାରଣ ନିମିତ୍ତ ଉପବନ୍ଧ କରାଯିବାପାଇଁ ଏକ ଅଧିନିୟମ ।

[4 ଡିସେମ୍ବର, 1959]

ଭାରତ ଗଣରାଜ୍ୟର ଦଶମ ବର୍ଷରେ ଏହା ନିମ୍ନୋକ୍ତ ମତେ ସଂସଦ ଦ୍ୱାରା ଅଧିନିୟମିତ ହେଲା :–

ସଂକ୍ଷିପ୍ତ ନାମ ଓ ବିସ୍ତାର ।

**1.** (1) ଏହି ଅଧିନିୟମ ବିବିଧ ସ୍ଥାୟୀ ବିଧି (ବିସ୍ତାର) ଅଧିନିୟମ, 1959 ନାମରେ ଅଭିହିତ ହେବ ।

(2) କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିବେ, ସେହି ତାରିଖରେ ଏହା ପ୍ରବୃତ୍ତ ହେବ ।

ସଂଜ୍ଞା।

**2.** ଏହି ଅଧିନିୟମରେ "ନିୟତ ଦିବସ" ଅର୍ଥ ଯେଉଁ ତାରିଖରେ ଏହି ଅଧିନିୟମ ପ୍ରବୃତ୍ତ ହେବ, ସେହି ତାରିଖ ।

କେତେକ ଅଧିନିୟମର ବିସ୍ତାର ଓ ସଂଶୋଧନ ।

**3.** ନିୟତ ଦିବସରେ ଏବଂ ସେହି ଦିବସଠାରୁ ଅନୁସୂଚୀ I ରେ ବିନିର୍ଦ୍ଦିଷ୍ଟ ଅଧିନିୟମମାନ ତହିଁରେ ବିନିର୍ଦ୍ଦିଷ୍ଟ ରୀତିରେ ସଂଶୋଧିତ ହେବ ।

ନିରସନ ଓ ବ୍ୟାବୃତ୍ତି ।

**4.** (1) ନିୟତ ଦିବସରେ ଏବଂ ସେହି ଦିବସଠାରୁ, ଅନୁସୂଚୀ IIରେ ବିନିର୍ଦ୍ଦିଷ୍ଟ ଅଧିନିୟମମାନ ଏବଂ ଅନୁସୂଚୀ Iରେ ବିନିର୍ଦ୍ଦିଷ୍ଟ ଅଧିନିୟମମାନଙ୍କର ତତ୍‌ସ୍ଥାନୀ ଅନ୍ୟାନ୍ୟ ଅଧିନିୟମମାନ ସେହି ଦିବସର ଅବ୍ୟବହିତ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ରକୁ ସେସବୁ ଯଥାକ୍ରମେ ବିସ୍ତାରିତ ହୋଇଥିଲା, ସେଠାରେ ନିରସିତ ହେବ ।

(2) ଉପଧାରା (1)ରେ ଥିବା କୌଣସି ବିଷୟ–

(କ) ସେପରି ନିରସିତ ହୋଇଥିବା କୌଣସି ଅଧିନିୟମର ପୂର୍ବବର୍ତ୍ତୀ କାର୍ଯ୍ୟକାରିତାକୁ କିମ୍ବା ତହିଁରେ ଯଥୋଚିତଭାବେ କରାଯାଇଥିବା କିମ୍ବା ତଦ୍ଦ୍ୱାରା ଭୋଗିଥିବା କୌଣସି ବିଷୟକୁ; କିମ୍ବା

(ଖ) ସେପରି ନିରସିତ କୌଣସି ଅଧିନିୟମନ ଅନୁଯାୟୀ ଅର୍ଜିତ, ପ୍ରୋଦ୍‌ଭୂତ କିମ୍ବା ଉପଗତ କୌଣସି ଅଧିକାର, ବିଶେଷାଧିକାର, ବାଧ୍ୟତା କିମ୍ବା ଦାୟିତ୍ୱକୁ; କିମ୍ବା

(ଗ) ସେପରି ନିରସିତ କୌଣସି ଅଧିନିୟମ ବିରୁଦ୍ଧରେ କୃତ କୌଣସି ଅପରାଧ ସମ୍ପର୍କରେ ଉପଗତ କୌଣସି ଶାସ୍ତି, ସମପହରଣ କିମ୍ବା ଦଣ୍ଡକୁ; କିମ୍ବା

(ଘ) ପୂର୍ବୋକ୍ତ ପ୍ରକାରେ ଏପରି କୌଣସି ଅଧିକାର, ବିଶେଷାଧିକାର, ବାଧ୍ୟତା, ଦାୟିତ୍ୱ, ଶାସ୍ତି, ସମପହରଣ କିମ୍ବା ଦଣ୍ଡ ସମ୍ପର୍କରେ କୌଣସି ଅନୁସନ୍ଧାନ, ବୈଧିକ କାର୍ଯ୍ୟବିଧି କିମ୍ବା ପ୍ରତିକାରକୁ ;

ପ୍ରଭାବିତ କରିବ ନାହିଁ ଏବଂ ସେପରି କୌଣସି ଅନୁସନ୍ଧାନ, ବୈଧିକ କାର୍ଯ୍ୟବିଧି ବା ପ୍ରତିକାରକୁ ଏପରି କରାଯାଇ ପାରିବ, ଚାଲୁ ରଖାଯାଇ ପାରିବ ବା ପ୍ରବର୍ତ୍ତନ କରାଯାଇ ପାରିବ ଏବଂ ସେପରି କୌଣସି ସଂସ୍ଥିତ ଶାସ୍ତି, ସମପହରଣ ବା ଦଣ୍ଡକୁ ଏପରି ଆରୋପ କରାଯାଇ ପାରିବ ଯେପରିକି ଏହି ଅଧିନିୟମ ପାରିତ ହୋଇ ନ ଥିଲା:

ପରନ୍ତୁ ଯେପରି କୌଣସି ଅଧିନିୟମ ଅନୁଯାୟୀ କରାଯାଇଥିବା ଯେ କୌଣସି ବିଷୟ ବା ଗ୍ରହଣ କରାଯାଇଥିବା ଯେ କୌଣସି କାର୍ଯ୍ୟାନୁଷ୍ଠାନ ସଂପୃକ୍ତ ରାଜ୍ୟକ୍ଷେତ୍ର ପ୍ରତି ସଂପ୍ରତି ବିସ୍ତାରିତ ହୋଇଥିବା ସେହି ଅଧିନିୟମର ତତ୍‌ସ୍ଥାନୀ ଉପବନ୍ଧ ଅନୁଯାୟୀ କରାଯାଇଅଛି ବା ଗ୍ରହଣ କରାଯାଇଛି ବୋଲି ବିବେଚିତ ହେବ ଏବଂ ତାହା ସେହିପର୍ଯ୍ୟନ୍ତ ତଦନୁସାରେ ପ୍ରବୃତ୍ତ ହୋଇ ରହିବ ଯେଉଁ ପର୍ଯ୍ୟନ୍ତ ଉକ୍ତ ଅଧିନିୟମ ଅନୁଯାୟୀ କରାଯାଇଥିବା କୌଣସି କାର୍ଯ୍ୟ ବା କାର୍ଯ୍ୟାନୁଷ୍ଠାନଦ୍ୱାରା ତାହା ଅଧିକ୍ରାନ୍ତ ନ ହୁଏ ।

# ଅନୁସୂଚୀ I

(ଧାରା 3 ଦ୍ରଷ୍ଟବ୍ୟ)

## ଧର୍ମାନ୍ତରିତ ବ୍ୟକ୍ତିମାନଙ୍କ ବିବାହ ବିଘଟନ ଅଧିନିୟମ, 1866

(1866ର 21)

ଧାରା 35–"1 ନଭେମ୍ବର, 1956ରେ ଅବ୍ୟବହିତ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ରଗୁଡ଼ିକ ଭାଗ ଖ ରାଜ୍ୟରେ ସନ୍ନିବିଷ୍ଟ ହୋଇଥିଲା ତାହା ବ୍ୟତୀତ" ବଦଳେ "ଜାମ୍ମୁ ଓ କାଶ୍ମୀର ରାଜ୍ୟ ଏବଂ ମଣିପୁର ସଂଘ ରାଜ୍ୟକ୍ଷେତ୍ର ବ୍ୟତୀତ" ପ୍ରତିସ୍ଥାପିତ ହେବ।

## ଆନନ୍ଦ ବିବାହ ଅଧିନିୟମ, 1909

(1909ର 7)

ଧାରା 1–ଉପଧାରା (2)ରେ "1 ନଭେମ୍ବର, 1956ରେ ଅବ୍ୟବହିତ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ରଗୁଡ଼ିକ ଭାଗ ଖ ରାଜ୍ୟରେ ସନ୍ନିବିଷ୍ଟ ହୋଇଥିଲା ତାହା ବ୍ୟତୀତ" ବଦଳେ "ଜାମ୍ମୁ ଏବଂ କାଶ୍ମୀର ରାଜ୍ୟ ବ୍ୟତୀତ" ପ୍ରତିସ୍ଥାପିତ ହେବ।

## ହିନ୍ଦୁ ସମ୍ପତ୍ତି ବିକାଶ ଅଧିନିୟମ, 1916

(1916 ର 15)

ଧାରା 1–ଉପଧାରା (2) ବଦଳେ–

"(2) ଜାମ୍ମୁ ଏବଂ କାଶ୍ମୀର ରାଜ୍ୟ ବ୍ୟତୀତ ଏହା ସାରା ଭାରତ ପ୍ରତି ବିସ୍ତୃତ" ପ୍ରତିସ୍ଥାପିତ ହେବ।

## ହିନ୍ଦୁ ଦାୟ (ଅଯୋଗ୍ୟତା ଅପସାରଣ) ଅଧିନିୟମ, 1928

(1928 ର 12)

ଧାରା 1–ଉପଧାରା (2) ରେ "1 ନଭେମ୍ବର, 1956 ର ଅବ୍ୟବହିତ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ରଗୁଡ଼ିକ ଭାଗ ଖ ରାଜ୍ୟରେ ସନ୍ନିବିଷ୍ଟ ହୋଇଥିଲା ତାହା ବ୍ୟତୀତ" ବଦଳେ "ଜାମ୍ମୁ ଏବଂ କାଶ୍ମୀର ରାଜ୍ୟ ବ୍ୟତୀତ" ପ୍ରତିସ୍ଥାପିତ ହେବ।

ଧାରା 2–"ଦାୟ ଠାରୁ କିମ୍ବା" ଲୋପ କରାଯିବ।

## ହିନ୍ଦୁ ବିଦ୍ୟାଧନ ଅଧିନିୟମ, 1930

(1930 ର 30)

ଧାରା 1–ଉପଧାରା (2) ରେ "1 ନଭେମ୍ବର, 1956 ର ଅବ୍ୟବହିତ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ରଗୁଡ଼ିକ ଭାଗ ଖ ରାଜ୍ୟରେ ସନ୍ନିବିଷ୍ଟ ହୋଇଥିଲା ତାହା ବ୍ୟତୀତ" ବଦଳେ "ଜାମ୍ମୁ ଏବଂ କାଶ୍ମୀର ରାଜ୍ୟ ବ୍ୟତୀତ" ପ୍ରତିସ୍ଥାପିତ ହେବ।

## ମୁସଲିମ୍ ସ୍ୱୀୟ ବିଧି (ଶରିୟତ) ପ୍ରୟୋଗ ଅଧିନିୟମ, 1937

(1937 ର 26)

ଧାରା 1–ଉପଧାରା (2) ରେ "1 ନଭେମ୍ବର, 1956 ର ଅବ୍ୟବହିତ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ରଗୁଡ଼ିକ ଭାଗ ଖ ରାଜ୍ୟରେ ସନ୍ନିବିଷ୍ଟ ହୋଇଥିଲା ତାହା ବ୍ୟତୀତ" ବଦଳେ "ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ" ପ୍ରତିସ୍ଥାପିତ ହେବ।

## ମୁସଲିମ୍ ବିବାହ ବିଘଟନ ଅଧିନିୟମ, 1939

(1939 ର 8)

ଧାରା 1–ଉପଧାରା (2) ରେ "1 ନଭେମ୍ବର, 1956 ର ଅବ୍ୟବହିତ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ରଗୁଡ଼ିକ ଭାଗ ଖ ରାଜ୍ୟରେ ସନ୍ନିବିଷ୍ଟ ହୋଇଥିଲା ତାହା ବ୍ୟତୀତ" ବଦଳେ "ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ" ପ୍ରତିସ୍ଥାପିତ ହେବ।

## ଅନୁସୂଚୀ II

[ଧାର 4 (1) ଦ୍ରଷ୍ଟବ୍ୟ]

### ହିନ୍ଦୁ ଅନ୍ତରଣ ଏବଂ ଉଇଲ ଦାନ (ମାଦ୍ରାଜ ନଗରୀ) ଅଧିନିୟମ, 1921

(1921ର 8)

### ହାଇଦରାବାଦ ହିନ୍ଦୁ ବିଦ୍ୟାଧନ ଅଧିନିୟମ, 1344-ଏଫ୍

(1344-ଏଫ୍‌ର ହାଇଦରାବାଦ ଅଧିନିୟମ 5)

ହାଇଦରାବାଦ (କେନ୍ଦ୍ରୀୟ ଅଧିନିୟମଗୁଡ଼ିକର ପ୍ରୟୋଗ) ଅଧିନିୟମ, 1952ର (1952ର ହାଇଦରାବାଦ ଅଧିନିୟମ 48) ଅନୁସୂଚୀ Iରେ ବିନିର୍ଦ୍ଦିଷ୍ଟ ଅଧିନିୟମମାନଙ୍କ ମଧ୍ୟରୁ କୌଣସିଟିକୁ ଯେତେଦୂର ସମ୍ପର୍କିତ କରୁଥିବ ।

ଆନ୍ଧ୍ର ପ୍ରଦେଶ (ବିଧି ବିସ୍ତାର) ଅଧିନିୟମ, 1958 (1958ର ଆନ୍ଧ୍ର ପ୍ରଦେଶ ଅଧିନିୟମ 23), 1930ର ହିନ୍ଦୁ ବିଦ୍ୟାଧନ ଅଧିନିୟମକୁ ଏହା ଯେତେଦୂର ସଂପର୍କିତ କରୁଥିବ ।

ସୌରାଷ୍ଟ୍ର ରାଜ୍ୟ (କେନ୍ଦ୍ରୀୟ ଏବଂ ବମ୍ବେ ଅଧିନିୟମର ପ୍ରୟୋଗ) ଅଧ୍ୟାଦେଶ, 1948 (1948ର ସୌରାଷ୍ଟ୍ର ଅଧ୍ୟାଦେଶ 25) ଯେତେଦୂର ନିମ୍ନଲିଖିତଗୁଡ଼ିକୁ ସମ୍ପର୍କିତ କରୁଥିବ ସେତେଦୂର;—

(କ) ହିନ୍ଦୁ ଦାୟ (ନିର୍ଯୋଗ୍ୟତା ଅପସାରଣ) ଅଧିନିୟମ, 1928 (1928ର 12); ଏବଂ

(ଖ) ହିନ୍ଦୁ ବିଦ୍ୟାଧନ ଅଧିନିୟମ, 1930 (1930ର 30)

ସୌରାଷ୍ଟ୍ର ମୁସ୍‌ଲିମ୍ ବିବାହ ବିଘଟନ ଅଧିନିୟମ, 1952 (1952ର ସୌରାଷ୍ଟ୍ର ଅଧିନିୟମ 26)

ଟ୍ରାଭାଂକୋର ମୁସ୍‌ଲିମ୍ ଉତ୍ତରାଧିକାର ଅଧିନିୟମ, 1108 (1108ର 11)

କୋଚିନ ମୁସ୍‌ଲିମ୍ ଉତ୍ତରାଧିକାର ଅଧିନିୟମ, 1108 (1108ର 15)

ଟ୍ରାଭାଂକୋର ହିନ୍ଦୁ ଦାୟ (ନିର୍ଯୋଗ୍ୟତା ଅପସାରଣ) ଅଧିନିୟମ, 1114 (1114ର 18)

ଟ୍ରାଭାଂକୋର ହିନ୍ଦୁ ବିଦ୍ୟାଧନ ଅଧିନିୟମ, 1117 (1117ର 3)

କୋଚିନ୍ ମୁସ୍‌ଲିମ୍ ବିବାହ ବିଘଟନ ଅଧିନିୟମ, 1120 (1120ର 22)

ମଧ୍ୟ ଭାରତ (ବିଧି ଅନୁକୂଳୀକରଣ) ଅଧିନିୟମ ସଂବତ 2009 (1953ର ଅଧିନିୟମ 1),

ଯେତେଦୂର ତାହା ନିମ୍ନଲିଖିତଗୁଡ଼ିକୁ ସମ୍ପର୍କିତ କରୁଥିବ ସେତେଦୂର:—

(କ) ଆନନ୍ଦ ବିବାହ ଅଧିନିୟମ, 1909 (1909ର 7);

(ଖ) ହିନ୍ଦୁ ସମ୍ପତ୍ତି ନିକାଶ ଅଧିନିୟମ, 1916 (1916ର 15);

(ଗ) ହିନ୍ଦୁ ଦାୟ (ନିର୍ଯୋଗ୍ୟତା ଅପସାରଣ) ଅଧିନିୟମ, 1928 (1928ର 12);

(ଘ) ହିନ୍ଦୁ ବିଦ୍ୟାଧନ ଅଧିନିୟମ, 1930 (1930ର 30); ଏବଂ

(ଙ) ମୁସ୍‌ଲିମ୍ ସ୍ୱୀୟ ବିଧି (ଶରିୟତ୍) ପ୍ରୟୋଗ ଅଧିନିୟମ, 1937 (1937ର 26) ।

ମଧ୍ୟ ଭାରତ ମୁସ୍‌ଲିମ୍ ବିବାହ ବିଘଟନ ଅଧିନିୟମ, 1956 (1956ର 14)

ମାନ୍ଦ୍ରାଜ ହିନ୍ଦୁ ଅନ୍ତରଣ ଏବଂ ଉଇଲ୍ ଦାନ ଅଧିନିୟମ, 1914 (ମାନ୍ଦ୍ରାଜ ଅଧିନିୟମ, 1914ର 1)

ମହୀଶୂର ଧର୍ମାନ୍ତରିତ ବ୍ୟକ୍ତିମାନଙ୍କ ବିବାହ ବିଘଟନ ଅଧିନିୟମ, 1866 (ମହୀଶୂର ଅଧିନିୟମ, 1866ର 21) ଯେତେଦୂର ମହୀଶୂରରେ ବିସ୍ତୃତ ହୋଇଥିବ ସେତେଦୂର ।

ମହୀଶୂର ହିନ୍ଦୁ ବିଧି (ନାରୀମାନଙ୍କ ଅଧିକାର ଅଧିନିୟମ, 1933 (ମହୀଶୂର ଅଧିନିୟମ, 1933ର 10)ର ଧାର 6

ମହୀଶୂର ହିନ୍ଦୁ ଦାୟ (ନିର୍ଯୋଗ୍ୟତା ଅପସାରଣ) ଅଧିନିୟମ, 1938 (ମହୀଶୂର ଅଧିନିୟମ, 1938ର 5)

ମହୀଶୂର ମୁସଲିମ୍ ବିବାହ ବିଘଟନ ଅଧିନିୟମ, 1943 (ମହୀଶୂର ଅଧିନିୟମ, 1943ର 43)

ରାଜସ୍ଥାନ ମୁକ୍ତରାଜ୍ୟ ମୁସଲିମ୍ ସ୍ୱୀୟ ବିଧି (ଶରିୟତ୍) ପ୍ରୟୋଗ ଅଧ୍ୟାଦେଶ, 1949 (1949ର 14)

ରାଜସ୍ଥାନ (କେନ୍ଦ୍ରୀୟ ବିଧିର ଅନୁକୂଳୀକରଣ) ଅଧ୍ୟାଦେଶ, 1950 (1950ର 4)
ଯେତେଦୂର ନିମ୍ନଲିଖିତଗୁଡ଼ିକୁ ସମ୍ପର୍କିତ କରୁଥିବ, ସେତେଦୂର:—

(କ) ଆନନ୍ଦ ବିବାହ ଅଧିନିୟମ, 1909 (1909ର 7);

(ଖ) ହିନ୍ଦୁ ସମ୍ପତ୍ତି ନିକାଶ ଅଧିନିୟମ, 1916 (1916ର 15);

(ଗ) ହିନ୍ଦୁ ଦାୟ (ନିର୍ଯୋଗ୍ୟତା ଅପସାରଣ) ଅଧିନିୟମ, 1928 (1928ର 12);

(ଘ) ହିନ୍ଦୁ ବିଦ୍ୟାଧନ ଅଧିନିୟମ, 1930 (1930ର 30); ଏବଂ

(ଙ) ମୁସଲିମ୍ ବିବାହ ବିଘଟନ ଅଧିନିୟମ, 1939 (1939ର 8) ।